# NATIONAL NEWS BULLETIN (ODIA)

## 15 February-2025

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ସ୍ୱପ୍ନକୁ ସାକାର କରିବା ଦିଗରେ ସାହସ, ଶକ୍ତି ଓ ସାମର୍ଥ୍ୟ ସଂଗ୍ରହ କରିବା ନେଇ ମହିଳାମାନଙ୍କୁ ଆହ୍ୱାନ ଦେଲେ ରାଷ୍ଟ୍ରପତି ।
- ଆମେରିକା ଗସ୍ତ ସଫଳତାର ସହ ଶେଷ କରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କଲେ ପ୍ରଧାନମନ୍ତ୍ରୀ ।
- ଜର୍ମାନ ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀରେ ଯୋଗଦେଇ ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟାର ସଫଳତା ଉପରେ ଆଲୋକପାତ କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ।

– ୨୦୩୬ ଅଲିମ୍ପିକ୍ କ୍ରୀଡ଼ା ଆୟୋଜନ ପ୍ରସ୍ତୁତି ନେଇ ସୂଚନା ଦେଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ ଉଦ୍‌ଘାଟନୀ ମ୍ୟାଚ୍‌ରେ ଗୁଜରାଟ ଜ୍ୟାଣ୍ଟସ୍‌କୁ ୬ ୱିକେଟ୍‌ରେ ପରାସ୍ତ କଲା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ।

# ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଦେଶରେ ନାରୀ ଶକ୍ତିର ଆକାଂକ୍ଷା ଏବଂ ଯୋଗଦାନ ବୃଦ୍ଧି ପାଉଛି । ସ୍ୱପ୍ନକୁ ସାକାର କରିବା ପାଇଁ ସାହସ, ଶକ୍ତି ଓ ସାମର୍ଥ୍ୟ ସଂଗ୍ରହ କରିବାକୁ ରାଷ୍ଟ୍ରପତି ମହିଳାମାନଙ୍କୁ ଆହ୍ୱାନ ଦେଇଛନ୍ତି । ବେଙ୍ଗାଲୁରୁ ସ୍ଥିତ ଆର୍ଟ ଅଫ୍ ଲିଭିଂ ଆନ୍ତର୍ଜାତିକ କେନ୍ଦ୍ର ପକ୍ଷରୁ ଆୟୋଜିତ ଦଶମ ଆନ୍ତର୍ଜାତିକ ମହିଳା ସମ୍ମିଳନୀରେ ଉଦ୍‌ବୋଧନ ଦେଇ  ରାଷ୍ଟ୍ରପତି ଏହା କହିଛନ୍ତି । ମହିଳାମାନେ ନିର୍ଭିକ ହେବା ସହିତ ଉଚ୍ଚାକାଂକ୍ଷି ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବାକୁ ରାଷ୍ଟ୍ରପତି ଗୁରୁତ୍ୱ ପ୍ରଦାନ କରିଛନ୍ତି । କରୁଣା ମାଧମରେ ମହିଳାଙ୍କ ନେତୃତ୍ୱ ନେବାର ବିଶେଷ କ୍ଷମତା ରହିଛି ବୋଲି ରାଷ୍ଟ୍ରପତି କହିଛନ୍ତି । ମାନସିକ ସୁସ୍ଥତା, ଯେକୌଣସି ମହିଳାଙ୍କର ଅର୍ଥପୂର୍ଣ୍ଣ ଜୀବନଯାପନ, ପରିବାର ଏବଂ ସମାଜରେ ଯୋଗଦାନ କରିବାର ସାମର୍ଥ୍ୟ ଅଟେ ବୋଲି ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି ।

# ପିଏମ୍-ୟୁଏସ୍ ଭିଜିଟ୍

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଗସ୍ତ ସଫଳତାର ସହ ଶେଷ କରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଦ୍ୱିତୀୟଥର ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶପଥ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀଙ୍କର ଏହାଥିଲା ପ୍ରଥମ ଆମେରିକା ଗସ୍ତ । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ଓ୍ୱାଶିଂଟନ୍ ଠାରେ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । ରଣନୈତିକ ଓ ନିରାପତ୍ତା ସହଯୋଗ, ପ୍ରତିରକ୍ଷା, ବାଣିଜ୍ୟ ଓ ଅର୍ଥନୈତିକ ସମ୍ପର୍କ, ପ୍ରଯୁକ୍ତି ବିଦ୍ୟା, ଶକ୍ତି, ନିରାପତ୍ତା ଓ ଦୁଇ ଦେଶର ନାଗରିକଙ୍କ ମଧ୍ୟରେ ସମ୍ପର୍କ ତଥା ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ନେଇ ଦୁଇ ନେତା ଆଲୋଚନା କରିଥିଲେ ।

ଏକବିଂଶ ଶତାବ୍ଦୀ ପାଇଁ ଆମେରିକା-ଭାରତ ଚୁକ୍ତିର ଶୁଭାରମ୍ଭ ମଧ୍ୟ ହୋଇଥିଲା । ସାମାଜିକ ଭାଗିଦାରୀ, ତ୍ୱରିତ ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏହା ବିଶେଷ ସହଯୋଗ ପ୍ରଦାନ କରିବ । ଆସନ୍ତା ୨୦୩୦ ସୁଦ୍ଧା ମୋଟ୍ ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରି ୫୦୦ ବିଲିୟନ୍ ଡଲାର୍‌ରେ ପହଞ୍ଚାଇବାକୁ ଦୁଇ ନେତା ସମ୍ମତ ହୋଇଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପ୍ ଚଳିତ ବର୍ଷ ଶେଷ ସୁଦ୍ଧା ପାରସ୍ପରିକ

ଲାଭ ଦାୟକ ବହୁ କ୍ଷେତ୍ରୀୟ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଆଲୋଚନା ନେଇ ସୂଚନା ପ୍ରଦାନ କରିଥିଲେ । ଏକବିଂଶ ଶତାବ୍ଦୀରେ ଆମେରିକା-ଭାରତ ପ୍ରମୁଖ ପ୍ରତିରକ୍ଷା ଭାଗିଦାରୀତା ପାଇଁ ଏକ ନୂତନ ୧୦ ବର୍ଷିୟା ଢାଞ୍ଚା ଚୂଡ଼ାନ୍ତ କରିବା ନେଇ ଉଭୟ ନେତା ଘୋଷଣା କରିଥିଲେ । ୨୦୩୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଯୋଜନାର ରୂପରେଖ ଚଳିତ ବର୍ଷ ଶେଷ ସୁଦ୍ଧା ଚୂଡ଼ାନ୍ତ ହେବ ବୋଲି ଆଶା କରାଯାଉଛି ।

ପ୍ରତିରକ୍ଷା କ୍ରୟ ଏବଂ ଉତ୍ପାଦନ କ୍ଷେତ୍ରରେ ସହଭାଗିତା ନେଇ ଉଭୟ ନେତା ସମ୍ମତି ପ୍ରଦାନ କରିଥିବା ଜଣାପଡ଼ିଛି । ଆମ ପ୍ରତିନିଧି ଦେଇଥିବା ସୂଚନା ଅନୁଯାୟୀ ଫ୍ରାନ୍ସ ଏବଂ ଆମେରିକା ଦୁଇ ଦେଶ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ପ୍ରଥମେ ଗତ ୧୦ରୁ ୧୨ ତାରଖ ପର୍ଯ୍ୟନ୍ତ ଫ୍ରାନ୍ସ ଯାତ୍ରା କରିଥିଲେ । ସେଠାରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନଙ୍କ ସହ କୃତ୍ରିମ ବୁଦ୍ଧିମତା ଶିଖର ସମ୍ମିଳନୀରେ ସହ ଅଧ୍ୟକ୍ଷତା କରିଥିଲେ । ଉଭୟ ନେତା ମିଳିତ ଭାବେ ମାର୍ସେଲିରେ ଭାରତର ନୂତନ କନ୍ସୁଲେଟ୍ ଜେନେରାଲ୍ଙ୍କ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ ।

# ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟାର ସଫଳତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଜର୍ମାନର ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀ ଠାରେ ଏକ ଆଲୋଚନାରେ ଅଂଶଗ୍ରହଣ କରି ଡକ୍ଟର ଜୟଶଙ୍କର ଭାରତରେ ନିର୍ବାଚନ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ । ନିକଟରେ ଶେଷ ହୋଇଥିବା ଦିଲ୍ଲୀ ନିର୍ବାଚନ ଏବଂ ଗତ ବର୍ଷର ସଂସଦୀୟ ନିର୍ବାଚନ ଉପରେ ସେ ସୂଚନା ପ୍ରଦାନ କରିଥିଲେ ।

ଡକ୍ଟର ଜୟଶଙ୍କର କହିଥିଲେ, ଭାରତୀୟ ନିର୍ବାଚନରେ ପାଖାପାଖି ଦୁଇ ତୃତୀୟାଂଶ ଯୋଗ୍ୟ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥାନ୍ତି । ଜାତୀୟ ନିର୍ବାଚନରେ ପାଖାପାଖି ୯୦୦ ନିୟୁତ ଭୋଟରଙ୍କ ମଧ୍ୟରୁ ୭୦୦ ନିୟୁତ ଭୋଟର ଭୋଟ ଦେଇଥିଲେ ଏବଂ ଭୋଟ ଗଣତି ଗୋଟିଏ ଦିନରେ ସମ୍ପନ୍ନ ହୋଇଥିଲା । ଫଳାଫଳ ଘୋଷଣାକୁ ପ୍ରତ୍ୟେକ ଦଳ ଗ୍ରହଣ କରିଥାନ୍ତି । ଗତ ୧୦ ବର୍ଷ ମଧ୍ୟରେ ୨୦ ପ୍ରତିଶତରୁ ଅଧିକ ମତଦାତା ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଥିଲେ ।  ବିଭିନ୍ନ ଆହ୍ୱାନ ସତ୍ତ୍ୱେ ଭାରତ ଗଣତନ୍ତ୍ର ତାର ସଚ୍ଚୋଟତା ବଜାୟ ରଖିଛି ବୋଲି ଡକ୍ଟର ଜୟଶଙ୍କର କହିଥିଲେ ।

ଏହି ଆଲୋଚନାରେ ନରୱେର ପ୍ରଧାନମନ୍ତ୍ରୀ ଜୋନାସ ଗାହର୍ ଷ୍ଟୋର୍, ଆମେରିକା ସିନେଟ୍ ସଦସ୍ୟ ଏଲିସା ସ୍ଲୋଟ୍‌କିନ୍ ଏବଂ ୱାର୍‌ସା ମେୟର ରାଫାଲ୍ ଟ୍ରାଜାସ୍କୋକ୍ ଅଂଶଗ୍ରହଣ କରିଥିଲେ । ୬୧ତମ ମ୍ୟୁନିକ୍

ସୁରକ୍ଷା ସମ୍ମିଳନୀ ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ । ପ୍ରମୁଖ ବୈଦେଶିକ ଏବଂ ନିରାପତ୍ତା ସଂକ୍ରାନ୍ତ ଆହ୍ୱାନ ଗୁଡ଼ିକର ମୁକାବିଲା ଦିଗରେ ଏହି ସମ୍ମିଳନୀ ବିଶେଷ ସହାୟତା ପ୍ରଦାନ କରିବ ବୋଲି ଆଶା କରାଯାଇଛି ।

## ନ୍ୟାସନାଲ୍ ଗେମ୍ସ-ଅମିତ ଶାହା

୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଉତ୍ତରାଖଣ୍ଡର ହଲଦ୍ୱାନିରେ ଉଦ୍‌ଯାପିତ ହୋଇଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହି ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହି ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିଥିବାରୁ ଉତ୍ତରାଖଣ୍ଡ ସରକାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । କ୍ରୀଡ଼ାବିତ୍‌ଙ୍କୁ ସେ ଉତ୍ସାହିତ କରିବା ସହ କ୍ରୀଡ଼ା କ୍ଷେତ୍ରରେ ସରକାରଙ୍କର ପ୍ରତିବଦ୍ଧତା ନେଇ ସୂଚନା ପ୍ରଦାନ କରିଥିଲେ । ୨୦୩୬ ଅଲିମ୍ପିକ୍ ଗେମ୍ ଆୟୋଜନ ନେଇ ପ୍ରସ୍ତୁତି ସମ୍ପର୍କରେ ଶ୍ରୀ ଶାହା ଉଲ୍ଲେଖ କରିଥିଲେ । ୧୦ ବର୍ଷ ମଧ୍ୟରେ କ୍ରୀଡ଼ା ବଜେଟ୍ ୮୦୦ କୋଟିରୁ ୩ହଜାର ୮୦୦ କୋଟିକୁ ବୃଦ୍ଧି ପାଇଥିବା ସେ ସୂଚନା ଦେଇଥିଲେ । ୩୯ ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ମେଘାଳୟ ଠାରେ ଆୟୋଜନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଶାହା ଘୋଷଣା କରିଥିଲେ ।

**V/O**

କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି, ଭାରତୀୟ ଅଲିମ୍ପିକ୍ ସଂଘର ସଭାପତି ପି.ଟି. ଉଷା ପ୍ରମୁଖ ଉଦ୍‌ଯାପନୀ ସମାରୋହରେ ଯୋଗଦେଇଥିଲେ । ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଜାତୀୟ କ୍ରୀଡ଼ା ପତାକାକୁ ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ୍ ସାଙ୍ଗମାଙ୍କୁ ହସ୍ତାନ୍ତର କରିଥିଲେ । ସର୍ଭିଶେଷ ପଦକ ତାଲିକାର ଶୀର୍ଷ ସ୍ଥାନରେ ରହିଥିବା ବେଳେ, ମହାରାଷ୍ଟ୍ର ଦ୍ୱିତୀୟ ଏବଂ ହରିଆଣା ତୃତୀୟ ସ୍ଥାନରେ ରହିଛି । ଓଡ଼ିଶା ତାଲିକାର ଦ୍ୱାଦଶତମ ସ୍ଥାନରେ ସ୍ଥାନିତ ହୋଇଛି ।

ସୂଚନା ଯୋଗ୍ୟ ଗତମାସ ୨୮ ତାରିଖରେ ଡେରାଡୁନ୍‌ର ମହାରଣା ପ୍ରତାପ କ୍ରୀଡ଼ା ମହାବିଦ୍ୟାଳୟରେ ଆୟୋଜିତ ଜାତୀୟ କ୍ରୀଡ଼ାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଥିଲେ । ୩୮ତମ ଜାତୀୟ କ୍ରୀଡ଼ାରେ ୩୫ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ଜାମ୍ମୁ କାଶ୍ମୀର ବଜେଟ୍

ଜାମ୍ମୁ କାଶ୍ମୀର ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତା ମାସ ୩ ତାରିଖରୁ ଆରମ୍ଭ ହେବ । ବିଧାନସଭା ସଚିବାଳୟ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି । ଆକାଶବାଣୀ ଜାମ୍ମୁ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ୭ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଏକ ନିର୍ବାଚିତ ସରକାର ଆସନ୍ତା ମାସ ୭ ତାରିଖରେ ଗୃହରେ ବଜେଟ୍ ଉପସ୍ଥାପନ

କରିବେ । ବାଚସ୍ପତି ଅବଦୁଲ୍ ରହିମ୍ ରାଥେର୍‌ଙ୍କ ସୂଚନା ଆଧାରରେ ଆମ ସମ୍ବାଦଦାତା କହିଛନ୍ତି, ମାର୍ଚ୍ଚ ୩ ତାରିଖରେ ଉପରାଜ୍ୟପାଳଙ୍କ ଅଭିଭାଷଣ ସହିତ ବିଧାନସଭାର ଅଧିବେଶନ ଆରମ୍ଭ ହେବ । ୪ରୁ ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଅନୁଷ୍ଠିତ ହେବ । ୭ ତାରିଖରେ ୨୦୨୫-୨୬ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ ହେବା ଚଳିତ ଆର୍ଥିକ ବର୍ଷ ଅତିରିକ୍ତ ବ୍ୟୟମଞ୍ଜୁରି ବିଲ୍ ଉପସ୍ଥାପନ କରାଯିବ । ମାର୍ଚ୍ଚ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ବଜେଟ୍ ଉପରେ ଗୃହରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ମାର୍ଚ୍ଚ ୧୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଦାନ ଦାବି ଉପରେ ଆଲୋଚନା କରାଯିବ । ଏପ୍ରିଲ୍ ୧୧ ତାରିଖ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

## ଇସ୍ରାଏଲ୍-ପାଲେଷ୍ଟାଇନ୍

ଗାଜାରୁ ଆଜି ମୁକ୍ତ ହେବାକୁ ଥିବା ୩ ଜଣ ଇସ୍ରାଏଲ୍ ପଣବନ୍ଦୀଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି । ଗତମାସରେ କାର୍ଯ୍ୟକାରି ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଅନୁଯାୟୀ ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍ ମଧ୍ୟରେ ଏହା ହେବ ଷଷ୍ଠ ପଣବନ୍ଦୀ ବିନିମୟ । କତାର ଏବଂ ଇଜିପ୍ଟର ମଧ୍ୟସ୍ଥିଙ୍କ ଜରିଆରେ ହମାସ ପକ୍ଷରୁ ଏହି ତାଲିକା ଇସ୍ରାଏଲ୍‌କୁ ପ୍ରଦାନ

କରାଯାଇଛି । ହମାସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ତିନି ପଣବନ୍ଦୀଙ୍କ ବଦଳରେ ଇସ୍ରାଏଲ୍ ୩୬୯ ଜଣ ପାଲେଷ୍ଟିନିୟ କଏଦୀଙ୍କୁ ମୁକ୍ତ କରିବାର ଆଶା କରାଯାଉଛି ।

## ମହିଳା ପ୍ରିମିୟର୍ ଲିଗ୍

ମହିଳା ପ୍ରିମିୟର୍ ଲିଗ୍ ୨୦୨୫ ଗତକାଲି ଠାରୁ ଆରମ୍ଭ ହୋଇଛି । ବଦୋଦରା କୋଟାମ୍ବି ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୬ ୱିକେଟ୍‌ରେ ଗୁଜରାଟ ଜ୍ୟାଣ୍ଟସ୍‌କୁ ପରାସ୍ତ କରିଛି । ଟସ୍ ଜିତି ବେଙ୍ଗାଲୁରୁ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଜ୍ୟାଣ୍ଟସ୍, ଅଧିନାୟକ ଆସ୍‌ଲେ ଗାର୍ଡନର୍ସ୍‌ଙ୍କ ଅପରାଜିତ ୭୯ରନ୍ ସହାୟତାରେ ୫ ୱିକେଟ୍ ବିନିମୟରେ ୨୦୧ରନ୍ ସଂଗ୍ରହ କରିଥିଲା । ୨୦୨ରନ୍‌ର ବିଜୟ ଲକ୍ଷ୍ୟକୁ ବେଙ୍ଗାଲୁରୁ ୧୮ ଓଭର ୩ଟି ବଲ୍‌ରେ ୪ ୱିକେଟ୍ ବିନିମୟରେ ହାସଲ କରିଥିଲା । ୨୭ଟି ବଲ୍‌ରୁ ୬୪ରନ୍ ସଂଗ୍ରହ କରି ବେଙ୍ଗାଲୁରୁ ପାଇଁ ବିଜୟର ପଥ ପରିଷ୍କାର କରିଥିବା ରିଚା ଘୋଷଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି ।

ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ବଦୋଦରା ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ମ୍ୟାଚ୍ ଖେଳାଯିବ ।

ମହିଳା ପ୍ରିମିୟର୍ ଲିଗ୍‌ର ଏହି ତୃତୀୟ ସଂସ୍କରଣରେ ୫ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଏହି ଦଳ ଗୁଡ଼ିକ ହେଉଛନ୍ତି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଜ୍ୟାଣ୍ଟସ୍, ଦିଲ୍ଲୀ କ୍ୟାପିଟାଲ୍ସ, ୟୁପି ଓ୍ୱାରିୟର୍ସ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ । ବଦୋଦରା, ବେଙ୍ଗାଲୁରୁ, ଲକ୍ଷ୍ନୌ ଏବଂ ମୁମ୍ବାଇ ଠାରେ ମ୍ୟାଚ୍ ଗୁଡ଼ିକ ଖେଳାଯିବ । ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ମୁମ୍ବାଇର ବ୍ରାବୋନ୍ ଷ୍ଟାଡିୟମ୍ ଠାରେ ଖେଳାଯିବ ।